6ଷ୍ଠ ଭାରତ-କାତାର ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ବୈଠକ

ଭାରତ-କାତାର ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ବୈଠକ (ଏଫଓସି) ର 6ଷ୍ଠ ପର୍ଯ୍ୟାୟ 9 ଅକ୍ଟୋବର 2026 ରେ ନୂଆଦିଲ୍ଲୀ ଠାରେ ଆୟୋଜିତ ହୋଇଥିଲା। ଏହି ପରାମର୍ଶ ବୈଠକରେ ବିଦେଶ ମନ୍ତ୍ରଣାଳୟର ସଚିବ (ସିପିଭି ଆଣ୍ଡ ଓଆଇଏ) ସୁଶ୍ରୀ ଶ୍ରୀପ୍ରିୟା ରଙ୍ଗନାଥନ୍ ଏବଂ କାତାର ରାଷ୍ଟ୍ରର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମହାସଚିବ ମାନ୍ୟବର ଡ. ଅହମ୍ମଦ ହାସେନ୍ ଅଲ୍-ହାମ୍ମାଦୀ ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ।

2. ଏହି ପରାମର୍ଶ ବୈଠକ ସମୟରେ, ରାଜନୈତିକ ସମ୍ପୃକ୍ତି, ବାଣିଜ୍ୟ, ନିବେଶ, ଶକ୍ତି, କନସୁଲାର ପ୍ରସଙ୍ଗ, ଶିକ୍ଷା, ସଂସ୍କୃତି ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସମେତ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ବନ୍ଧର ସମ୍ପୂର୍ଣ୍ଣ ପରିସରର ସମୀକ୍ଷା କରିଥିଲେ। ସେମାନେ ପଶ୍ଚିମ ଏସିଆର ଘଟଣାକ୍ରମକୁ ଅନ୍ତର୍ଭୁକ୍ତ କରି ପାରସ୍ପରିକ ହିତ ସହିତ ଜଡ଼ିତ ଆଞ୍ଚଳିକ ଓ ବହୁପାକ୍ଷିକ ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ମତ ଆଦାନପ୍ରଦାନ କରିଥିଲେ।

3. ଭାରତ ଏବଂ କାତାର ମଧ୍ୟରେ ଐତିହାସିକ ଭାବରେ ଘନିଷ୍ଠ ଏବଂ ବନ୍ଧୁତାପୂର୍ଣ୍ଣ ସମ୍ବନ୍ଧ ରହିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ବହୁମୁଖୀ ରଣନୈତିକ ସହଭାଗିତା ସମସ୍ତ କ୍ଷେତ୍ରରେ ଗଭୀର ହେବାରେ ଲାଗିଛି। କାତାରରେ ଥିବା ବୃହତ୍ ଭାରତୀୟ ସମୁଦାୟ ଉଭୟ ଦେଶ ମଧ୍ୟରେ ଏକ ଜୀବନ୍ତ ସେତୁ ଭାବରେ କାର୍ଯ୍ୟ କରୁଛି।

4. ଉଭୟ ପକ୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ଦୋହା ଠାରେ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶର ପରବର୍ତ୍ତୀ ଅଧିବେଶନ ଆୟୋଜନ କରିବା ପାଇଁ ସହମତ ହୋଇଥିଲେ।

ନୂଆଦିଲ୍ଲୀ

ଅକ୍ଟୋବର 09, 2026